**ଶ୍ରୀଭାଗବତ ସତ୍‌ସଙ୍ଗ ମହୋତ୍ସବ ଉଦ୍‌ଯାପିତ**

ସାକ୍ଷୀଗୋପାଳ,(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)-ସାକ୍ଷୀଗୋପାଳ ସିଂହଦାର ସମ୍ମୁଖରେ ତିନିଦିନ ବ୍ୟାପୀ ଶ୍ରୀଭାଗବତ ସତ୍‌ସଙ୍ଗ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଗୋପାଳ ଏକାଦଶୀ ପାଳିଆ କମିଟି ପକ୍ଷରୁ ଆୟୋଜିତ ଦ୍ୱିତୀୟ ବର୍ଷ ମହୋତ୍ସବରେ ସାକ୍ଷୀଗୋପାଳ ଠାକୁରଙ୍କ ବୃନ୍ଦାବନରୁ କାଞ୍ଚି ଆଗମନ, ସତ୍ୟବାଦୀରେ ଆସ୍ଥାନ, ଶ୍ରୀରାଧାଙ୍କ ଆବିର୍ଭାବ ଏବଂ ଏକାଦଶୀ ବ୍ରତର ମହତ୍ତ୍ୱ ସମ୍ପର୍କରେ ସାରଗର୍ଭକ ଆଲୋଚନା କରିଥିଲେ। ବୃନ୍ଦାବନରୁ ଆସିଥିବା ଦାନବନ୍ଧୁ ଦାସ ମହାରାଜ ଓ ପରମାନନ୍ଦ ମହାରାଜା ପ୍ରବଚନ ଓ ସଂକୀର୍ତ୍ତନ କରିଥିଲେ। ଏକାଦଶୀ ପାଳିଆ କମିଟିର ସଦସ୍ୟ ତଥା ବରିଷ୍ଠ ସେବାୟତ ବିଶ୍ୱନାଥ ମହାପାତ୍ର ଓ ରାମଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲୋକନାଥ ବାରିକ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧।୨୦୨୫

| | |
|---|---|
| ୫,୯୬,୪୯୦ ଟଙ୍କା | |
| ସୁନା | ୦.୦୮୦ ଗ୍ରାମ୍ |
| ରୁପା | ୭୧.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ହିମାଳୟର ୧୦ ହଜାର ଫୁଟ୍ ଆରୋହଣ କଲେ ଅଙ୍କିତା

ପୁରୀ୨୭।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କଣାସ ବ୍ଲକ ମୂଳବସନ୍ତ ଗ୍ରାମର ଅଙ୍କିତା ପ୍ରଧାନ ହିମାଳୟ ପର୍ବତର ୧୦ ହଜାର ଫୁଟ ଆରୋହଣ ନେଇ ସଫଳତା ହାସଲ କରିଛନ୍ତି। ଦୁଃସାହସିକ କାର୍ଯ୍ୟ ପ୍ରଦର୍ଶନର ଅଂଶବିଶେଷ ଏହି ପାହାଡ଼ିଆ ୧୦ ହଜାର ଫୁଟ ଉଚ୍ଚତାର ୮୦ କିଲୋମିଟର ରାସ୍ତା ସେ ପୂର୍ଣ୍ଣାଙ୍ଗ କରିଥିବାରୁ ତାଙ୍କୁ ମୋନାଲିସ୍ଥିତ ଅଟଳ ବିହାରୀ ବାଜପେୟୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମାଉଣ୍ଟେରିଂ ଆଣ୍ଡ ଆଲାଏଡ ସ୍ପୋର୍ଟ୍ସ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଜାତୀୟ ସେବା ବାହିନୀ (ଏନ୍‌ଏସ୍‌ଏସ୍) ପକ୍ଷରୁ ଅଙ୍କିତା ଏଥିରେ ସାମିଲ ଥିଲେ। ସେ ବର୍ତ୍ତମାନ ଭୁବନେଶ୍ୱର ବିଆଇଆଇଟିଏମ୍ ସଂସ୍ଥାରେ ହୋଟେଲ ମ୍ୟାନେଜମେଣ୍ଟ କରୁଛନ୍ତି। ଅଙ୍କିତା ପୁରୀ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନଙ୍କ ଝିଅ।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)

କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୨ ଅଭିଯୋଗ ମିଳିଥିଲା। ୭୨ ବ୍ୟକ୍ତିଗତ, ୧୨ ଗ୍ରାମ ଅଭିଯୋଗ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୮ଟି ଆବେଦନ ମିଳିଥିଲା। ୮ଟିର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ଆଇନ ଅନୁସାରେ ଅନୁଧ୍ୟାନ କରି ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ନିମାପଡ଼ା ଡିଏସ୍‌ପି ପ୍ରଭାତ କୁମାର ମଲ୍ଲିକ, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ବେହେରା, କାକଟପୁର ବିଡିଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନିନ୍ଦିତା, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ‘କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହୋଇଛି ଭାରତ’

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ପୁରୀ,୨୭।୧(ଅଜିତ କୁମାର ମହାନ୍ତି)



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ଦେଶ ସମ୍ବିଧାନର ମୂଳମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା। ଏଥିପାଇଁ ଭାରତ ସମଗ୍ର ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ରବିବାର ତାଳବଣିଆ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ, ପରେଡ୍ ପରିଦର୍ଶନ ଓ ଅଭିବାଦନ ଗ୍ରହଣ ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସିଂଦେଓ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଏବଂ ଆମ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ହୋଇପାରିବ। ନୂତନ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରୁଛନ୍ତି। ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ସହ ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରିଛନ୍ତି। ସୁଭଦ୍ରା ଯୋଜନାରେ ୧ କୋଟି ମହିଳାଙ୍କୁ ୪୦୦ କୋଟି ଟଙ୍କା ବିତରଣ କରାଯାଇଛି ଓ ଆସନ୍ତା ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ୨ୟ ପର୍ଯ୍ୟାୟ ଅର୍ଥ ଦିଆଯିବ। କୃଷକଙ୍କୁ ଇନପୁଟ ସବ୍‌ସିଡି ହିସାବରେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ହିସାବରେ ପ୍ରାୟ ୨ହଜାର କୋଟି ଟଙ୍କା ସହାୟତା ଦିଆଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ଅତିରିକ୍ତ ୨୫ ହଜାର ଟଙ୍କା ମିଳିବ। ପ୍ରଥମ ଥର ପାଇଁ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରାଯାଇ ସହଯୋଗ ମିଳିଛି। ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଭାରତର ୨୯ ହଜାରରୁ ଅଧିକ ହସ୍ପିଟାଲରେ କ୍ୟାଶଲେସ ଚିକିତ୍ସା ସୁବିଧା କରାଯାଇଛି। ସାମାଜିକ ସୁରକ୍ଷା ଯୋଜନାରେ ଭିନ୍ନକ୍ଷମଙ୍କୁ ସହାୟତା ରାଶି ୧୨୦୦ରୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ କରାଯାଇଛି। ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ବାର୍ଷିକ ୫ ହଜାର ଟଙ୍କାର ବ୍ୟବସ୍ଥା ହୋଇଛି। ୧୮ତମ ପ୍ରବାସୀ ଭାରତୀୟ ଦିବସ ସଫଳ ଭାବେ ରାଜ୍ୟ ଆୟୋଜନ କରିଛି। ସମସ୍ତେ ମିଳିମିଶି ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୧୭ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ପୁରସ୍କୃତ କରିଥିଲେ। ପରେଡରେ ସିନିୟର ଡିଭିଜନ ଏନ୍‌ସିସିରେ ଏସ୍‌ସିଏସ୍ କଲେଜ, ଜୁନିୟର ଏନ୍‌ସିସିରେ ପୋଲିସ ହାଇସ୍କୁଲ ଓ ବିଶ୍ୱମ୍ଭର ବିଦ୍ୟାପୀଠ, ସ୍କାଉଟ୍‌ରେ ଭୋଳାନାଥ ବିଦ୍ୟାପୀଠ, ଗାଇଡ୍‌ରେ ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ସିଭିଲିଆନରେ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ଓ ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ଶୃଙ୍ଖଳାରେ ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ସିସି ଦଳକୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ, ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ, ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ସିଂଦେଓ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ଜିଲାପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏବଂ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ପରିବେଷଣ କରାଯାଇଥିଲା। ଗାନ୍ଧୀଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଣମାଧ୍ୟମ ଏକାଦଶ ୩୬ ରନ୍‌ରେ ବିଜୟୀ

ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)

ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ପୁରୀ ଜିଲା ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏକାଦଶକୁ ୩୬ ରନ୍‌ରେ ହରାଇ ଗଣମାଧ୍ୟମ ଏକାଦଶ ବିଜୟୀ ହୋଇଥିଲା। ପ୍ରଥମେ ଟସ୍ ଜିତି ଗଣମାଧ୍ୟମ ଏକାଦଶ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ଗଣମାଧ୍ୟମ ଏକାଦଶ ୭ ଉଇକେଟ୍ ହରାଇ ୯୫ ରନ କରିଥିଲା। ଦଳ ପକ୍ଷରୁ ଶିବ ପ୍ରସାଦ ଦାସ ସର୍ବାଧିକ ୫୦ ରନ କରିଥିଲେ। ଜବାବରେ ପ୍ରଶାସନ ଏକାଦଶ ୧୨ ଓଭର ଖେଳି ୮ ଉଇକେଟ ହରାଇ ୫୯ ରନ କରି ହାରିଯାଇଥିଲା। ଗଣମାଧ୍ୟମ ଏକାଦଶର କ୍ୟାପଟେନ ଅକ୍ଷୟ ମିଶ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ ଶିବ ପ୍ରସାଦ ଦାଶଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚନା କରାଯାଇଥିଲା। ବିଜୟୀ ଓ ରନର ଅପ୍ ଦଳକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରପରିଷଦ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏବଂ ପୂର୍ବତନ କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ସମ୍ବର୍ଦ୍ଧିତ କରିଥିଲେ। ଧାରା ବିବରଣୀ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ରଞ୍ଜିତ ମିଶ୍ର ସହଯୋଗ ଓ ଧାରା ବିବରଣୀ ପ୍ରଦାନ କରିଥିଲେ। ରତିକାନ୍ତ ବେହେରା ଓ ସତ୍ୟସାଗର ଦାସ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିବାବେଳେ ସନତ ସିଂଦେଓ, ଉମେଶ ଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ।

# ୯୫ ସ୍ମାର୍ଟ କୌଶଳ ପ୍ରକଳ୍ପ ପ୍ରଦର୍ଶିତ

### ବିଜ୍ଞାନ ସାଂସ୍କୃତିକ ମେଳା ଅନୁଷ୍ଠିତ

କୋଣାର୍କ,୨୭।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଭେଙ୍କଟେଶ୍ୱର ସ୍କୁଲରେ ବିଜ୍ଞାନ ସାଂସ୍କୃତିକ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ମାନସ କୁମାର ମୁଦୁଲିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅବତାର ମିଶ୍ର, ଉତ୍କଳ ଶିକ୍ଷା ବିକାଶ ପରିଷଦର ଅଧ୍ୟକ୍ଷ ମଙ୍ଗୁଳି ଚରଣ ମହାନ୍ତି, ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଅଧ୍ୟାପକ କ୍ୟାପ୍ଟେନ ବିନୟ ଭୂଷଣ ମହାନ୍ତି ଓ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଶିକ୍ଷାବିତ୍ ଗୁଣନିଧି ମୁଦୁଲି ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନର ଦୈନନ୍ଦିନ ଜୀବନରେ ବ୍ୟବହାର ଓ ଉପଯୋଗୀ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଓ ଭେଙ୍କଟେଶ୍ୱର ସ୍କୁଲର ଶତାଧିକ ଛାତ୍ରୀଛାତ୍ରଙ୍କ ଦ୍ୱାରା ୯୫ଟି ଉନ୍ନତଧରଣ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗୀମାନେ ତାଙ୍କର ବୈଜ୍ଞାନିକ କୌଶଳକୁ ପ୍ରଦର୍ଶନ କରିବା ସହିତ ନିଜର ପରିକଳ୍ପନାରେ ଆଧୁନିକ ସମାଜରେ ମଣିଷ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ କିପରି ଦୂର କରାଯାଇପାରିବ ସେ ନେଇ ପ୍ରୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରପତି ଭାବେ ଅଧ୍ୟାପକ ଜଟ କିଶୋର ମାର୍ଥା, ଦମୟନ୍ତୀ ନାୟକ, ଉତ୍ତମ କୁମାର ଜେନା, ଦେବେନ ଚନ୍ଦ୍ର ମୁଦୁଲି ଦାୟିତ୍ୱ ତୁଲାଇଥିଲେ।



ରୁପା ଆଣ୍ଡ ଟ୍ରୁପ୍‌ର ରୌପ୍ୟ ଜୟନ୍ତୀରେ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ହାବିବ କ୍ଲବକୁ ହରାଇ ଖାନପୁର କ୍ଲବ ଚାମ୍ପିୟନ

ନୟାହାଟ,୨୭।୧(ମହମ୍ମଦ ସମସୁଲ ଆରେଫିନ)

ସୁଜାଗଡ଼ ବସ୍ତିଠାରେ ଏକ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସମୁଦାୟ ୮ଟି କ୍ରିକେଟ କ୍ଲବ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ରଙ୍ଗତୋଟାର ହାବିବ କ୍ଲବକୁ ୪ ଉଇକେଟ୍‌ରେ ପରାସ୍ତ କରି କାକଟପୁରର ଖାନପୁର କ୍ଲବ ଚଳିତବର୍ଷର ଚାମ୍ପିୟନ ହୋଇଥିଲା। ଏହି ଦିବାରାତ୍ର କ୍ରିକେଟ ମ୍ୟାଚ୍‌କୁ ମଲ୍ଲିକ ଆକବର, ଶେଖ୍ ଦୟାନ, ରଫିକ ଖାନ, ଶେଖ ସିକନ, ସବିର ଶେଖ ପ୍ରମୁଖ ପରିଚାଳନା କରିଥିଲେ।

# ମୁତୟନ ହେବେ ୩୩ ପ୍ଲାଟୁନ ଫୋର୍ସ




### ମାଘ ସପ୍ତମୀ ଦ୍ୱିତୀୟ ସମନ୍ୱୟ ବୈଠକ

କୋଣାର୍କ,୨୭।୧(ଜ୍ୟୋତିରାଜ ମହାନ୍ତି)

ଆସନ୍ତା ୩ ଓ ୪ ତାରିଖରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପବିତ୍ର ମାଘ ସପ୍ତମୀ ବୁଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଛବିରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାନୀୟ ଜଳଯୋଗାଣ ନିମନ୍ତେ ୬୦ଟି ଷ୍ଟାଣ୍ଡ ପୋଷ୍ଟ, ୪ଟି ପାଣି ଟ୍ୟାଙ୍କର, ବୁଡ଼ ୩ଦିନ ପୂର୍ବରୁ ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ, ଟ୍ରାଫିକ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠୀ ଓ ସପ୍ତମୀ ଦୁଇଦିନ ପରିମଳ, ଯାନବାହନ ପାର୍କିଂ, ଆଲୋକ ବ୍ୟବସ୍ଥା, ସୂଚନା, ପ୍ରସାରଣ, ଯାନବାହନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ। ସପ୍ତମୀ ୨ ଦିନ ପୂର୍ବରୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ରୁପା ଆଣ୍ଡ ଟ୍ରୁପ୍‌ର ରୌପ୍ୟ ଜୟନ୍ତୀ ମହୋତ୍ସବ

ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)

ରୁପା ଆଣ୍ଡ ଟ୍ରୁପ୍‌ର ରୌପ୍ୟ ଜୟନ୍ତୀ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ବରିଷ୍ଠ କଳାକାରଙ୍କ ସହ ବିଭିନ୍ନ ଅନୁଷ୍ଠାନର କଳାକାର ସାମିଲ ହୋଇ ଏକ ଶୋଭାଯାତ୍ରାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଯାଇଥିଲେ। ଦୁଲଦୁଲି ବାଜାର ତାଳେ ତାଳେ ପାରମ୍ପରିକ ଘୋଡ଼ାନାଚ ଓ ମହୁରୀ ବାଦ୍ୟ ସହ ନାଚି ନାଚି କଳାକାରମାନେ ଶରଧାବାଲିର ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ରୁପା ଆଣ୍ଡ୍ ଟ୍ରୁପ୍ ସଭାପତି ଲକ୍ଷ୍ମୀଧର ପୂଜାପଣ୍ଡା, ସମ୍ପାଦିକା ରୂପଲତା ମହାନ୍ତି, ଫିଲ୍ମ ସଂଳାପକାର ତଥା ସମୀକ୍ଷକ ଶ୍ୟାମାପ୍ରସାଦ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ବଦ୍ରି ମିଶ୍ର, ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ବୁଦ୍ଧିଜୀବୀ ଚକ୍ରଧର ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, ମିଡ଼ିଆ କମିଟି ଅଧ୍ୟକ୍ଷ ମଧୁସୂଦନ ମିଶ୍ର, ଉତ୍ସବ କମିଟି ଅଧ୍ୟକ୍ଷ ଶ୍ରୀକଣ୍ଠ ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜ୍ୟୋତି ମହାପାତ୍ର, ବିପିନ ଗୋଛିକାର, ଶିବନାରାୟଣ ପୂଜାପଣ୍ଡା ପ୍ରମୁଖ ସାମିଲ ଥିଲେ। ପରେ ରୁପା ଆଣ୍ଡ ଟ୍ରୁପ୍ ପକ୍ଷରୁ ଦୁର୍ଗା ଅଷ୍ଟକମ୍, ମାହାରୀ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, କଟକର ନୃତ୍ୟ ମହୁରୀ ଦଳର ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ସମଲେଶ୍ୱରୀ ଡାଲିଆଖୋସା କଳା ପରିଷଦର ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ଗୁରୁ ଗୋବିନ୍ଦ ପାଳଙ୍କୁ ଶ୍ରୀକରପଲ୍ଲବ ସମ୍ମାନ, ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡାଙ୍କୁ ଶ୍ରୀହୃଦପଲ୍ଲବ ସମ୍ମାନ, ନୃତ୍ୟଗୁରୁ ବିଜୟଲକ୍ଷ୍ମୀ ଦାସଙ୍କୁ ଶ୍ରୀଚନ୍ଦ୍ରିକା ସମ୍ମାନ, ଗୋଟିପୁଅ ନୃତ୍ୟଶିଳ୍ପୀ ବସନ୍ତ ମହାରଣାଙ୍କୁ ଶ୍ରୀହରି ପୁଷ୍ପମାଳା ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସିଦ୍ଧ ଭୈରବୀ ମନ୍ଦିର ସଭାପତି ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶା ସଙ୍ଗୀତ ପରିଷଦ, ସିଂହାରୀ ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ, ପ୍ରଣତି କଳାମନ୍ଦିର, ଲିଙ୍ଗରାଜ କଳା ନିକେତନ, ଶ୍ରୀପର୍ଣ୍ଣା କଳା ପରିଷଦ, ନାଚଘର ଓ ବିଶିଷ୍ଟ ନୃତ୍ୟଗୁରୁ ମିଳନ ଘଟୁଆରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ୧୬୬ ମଣ୍ଡି ମାଧ୍ୟମରେ ଧାନ କ୍ରୟ

ପୁରୀ,୨୭।୧(ଅଜିତ କୁମାର ମହାନ୍ତି)

ପୁରୀ ଜିଲାର ସମସ୍ତ ୧୧ଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ଭାବେ ପରିଚାଳନା ନିମନ୍ତେ ତଦାରଖ କରୁଛନ୍ତି। କୃଷକମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲାପାଳ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୪୮୯୬୪ ଜଣ କୃଷକଙ୍କଠାରୁ ୧୧, ୬୮, ୬୦୨ କୁଇଣ୍ଟାଲ ୯୪ କି.ଗ୍ରା ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଚଳିତ ମାସ ୨୭ ତାରିଖ ସୁଦ୍ଧା ୧୮୭ଟି ମଣ୍ଡି ମଧ୍ୟରୁ ଖୋଲାଯାଇଥିବା ୧୬୬ଟି ମଣ୍ଡିରେ ୫୯୯୦ ଜଣ କୃଷକଙ୍କ ଠାରୁ ୨, ୬୪, ୪୧୪ କୁଇଣ୍ଟାଲ ୧୩ କି.ଗ୍ରା ଧାନ ସଂଗ୍ରହ ହୋଇଛି। ୪୮୭୨ କୃଷକଙ୍କୁ ୫୦, ୦୬, ୨୧, ୧୨୮ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବାବେଳେ ୨୪୬୫ ଜଣ କୃଷକ ୨୫, ୫୩, ୪୫, ୭୭୦ ଟଙ୍କା ପ୍ରାପ୍ତ ହୋଇଛନ୍ତି। ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

# ବିନା ସୂଚନାଫଳକରେ ଚାଲିଛି କାମ

ଗୋପ,୨୭।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବିନା ସୂଚନାଫଳକରେ କାମ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ସୁବର୍ଣ୍ଣପୁର-ଗବକୁଣ୍ଡ, ଗୋପ-ଚାଟିଛକ-ପୟରା, ତରଙ୍ଗିରା-ପାର୍ଟେଲିଆ ରାସ୍ତା କାମରେ ସୂଚନା ଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର-ଗବକୁଣ୍ଡ ରାସ୍ତାକଡ଼ରେ ପଥର ପ୍ୟାକିଂ ଚାଲିଥିବାବେଳେ କାଁ ଭାଁ ନୂଆ ପଥର ଲଗାଯାଉଛି। ପୁରୁଣା ପଥର ଲଗାଇବା ସହ ସମ୍ପୃକ୍ତ ସ୍ଥାନକୁ ମାଟି ପକାଇ ଲୁଚାଇ ଦିଆଯାଉଛି। ସେହିପରି ରାସ୍ତାର କେତେକ ସ୍ଥାନରୁ ପିଚୁ ଉଠିଯାଉଛି। ରାସ୍ତା କାମ ନିମ୍ନମାନର ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶୁତୋଷ ସ୍ୱାଇଁ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରାଯିବ। ପୁରୁଣା ପଥର ଲଗାଯାଇଥିବାର ପ୍ରମାଣ ମିଳିଲେ ବିଲରୁ ଟଙ୍କା କଟାଯିବ।

# ବିଶ୍ୱଜିତ ପ୍ରତିହାରୀ ହେଲେ ମିଷ୍ଟର ପୁରୀ

### ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)



ବିଶ୍ୱଜିତ ପ୍ରତିହାରୀ ।




ପୁରୀ ବଡିବିଲ୍ଡର୍‌ସ ଓ ଫିଟନେସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରୁଛନ୍ତି।

ପୁରୀ ବଡିବିଲ୍ଡର୍ସ ଓ ଫିଟ୍‌ନେସ୍ ଆସୋସିଏଶନ ତରଫରୁ ହରଚଣ୍ଡୀ ସାହି, ନରସିଂହ ବଲ୍ଲଭ ଜାଗାଠାରେ ଶନିବାର ପୁରୀ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଛିକାର ଜିମ୍, ବେହେରା ଜିମ୍, ଆଇରନ୍ ପାରାଡାଇଜ, ଚନ୍ଦନପୁର ଜିମ୍ ଇତ୍ୟାଦିର ୮୪ ଜଣ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୫ କିଲୋଗ୍ରାମ ଓଜନ ବିଭାଗରେ ସୁକାନ୍ତ ଭୋଇ ପ୍ରଥମ, ଦେବାଶିଷ ମହାପାତ୍ର ଦ୍ୱିତୀୟ ଓ ସଞ୍ଜୟ ଚିନରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୬୦ କିଲୋଗ୍ରାମ ଓଜନ ବିଭାଗରେ କେ.କେ. ବେହେରା ପ୍ରଥମ, ଗୁରୁ ସ୍ୱାଇଁ ଦ୍ୱିତୀୟ ଓ ଚନ୍ଦନ କୁମାର ଦାସ ତୃତୀୟ ସ୍ଥାନ ହାସଲ କରିଛନ୍ତି। ୬୫ କିଲୋଗ୍ରାମ ଓଜନ ବିଭାଗରେ ରାଜେଶ କୁମାର ପାଢୀ ପ୍ରଥମ, ମହେଶ ବେହେରା ଦ୍ୱିତୀୟ, ରଘୁନାଥ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୭୦ କିଲୋଗ୍ରାମ ଓଜନ ବିଭାଗରେ ଦେବକାନ୍ତ ସାହୁ ପ୍ରଥମ, ଟିଙ୍କୁନ୍ ମହାନ୍ତି ଦ୍ୱିତୀୟ ଓ ତରୁଣ ଦେବନାଥ ତୃତୀୟ ସ୍ଥାନ, ୭୫ କିଲୋଗ୍ରାମ ଓଜନ ବିଭାଗରେ ସଙ୍କେତ କୁମାର ଦାସ ପ୍ରଥମ, ସମ୍ବିତ୍ କୁମାର ରାଉତ୍ ଦ୍ୱିତୀୟ ଓ ଧନେଶ୍ୱର ନାୟକ ତୃତୀୟ ସ୍ଥାନ ହାସଲ କରିଛନ୍ତି। ୮୦ କିଲୋଗ୍ରାମ ଓଜନ ବିଭାଗରେ ଗୌରବ ବେହେରା ପ୍ରଥମ, ଟିଙ୍କୁ ପାତ୍ର ଦ୍ୱିତୀୟ ଓ ରାଜ କିଶୋର ପାତ୍ର ତୃତୀୟ, ୮୦ କିଲୋଗ୍ରାମରୁ ଅଧିକ ଓଜନ ବିଭାଗରେ ବିଶ୍ୱଜିତ୍ ପ୍ରତିହାରୀ ପ୍ରଥମ ଏବଂ କବି ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ବିଭାଗର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ମିଷ୍ଟର ପୁରୀ- ୨୦୨୫ ପ୍ରତିଯୋଗିତାରେ ଗୋଛିକାର ଜିମ୍‌ର ବିଶ୍ୱଜିତ ପ୍ରତିହାରୀ ମିଷ୍ଟର ପୁରୀ- ୨୦୨୫ ଟାଇଟଲ ଜିତିଛନ୍ତି। ଏହି ଅବସରରେ ମିଷ୍ଟର ଅଲମ୍ପିଆ, ମିଷ୍ଟର ଏସିଆ, ମିଷ୍ଟର ଇଣ୍ଡିଆ, ମିଷ୍ଟର ଓଡ଼ିଶା ବିଜେତା ଆନ୍ତର୍ଜାତିକ ବଡିବିଲଡର ଗୁରୁ ପ୍ରସାଦ ସାହୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ଅଭିଭୂତ କରିଥିଲେ। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଆନ୍ତର୍ଜାତିକ ବଡିବିଲ୍‌ଡର ଅନୀଲ ଗୋଛିକାର, ରବିନାରାୟଣ ପ୍ରତିହାରୀ, ଗଣେଶ୍ୱର ମହାସୁଆର, ହରେକୃଷ୍ଣ ସିଂହାରୀ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଭଗବାନ ସୁଆର, ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ, ଉମାକାନ୍ତ ଦାଶ, ଉଦୟନାଥ ପ୍ରତିହାରୀ, ରମାବଲ୍ଲଭ ମହାପାତ୍ର, ରାଜୁ ଗୋଛିକାର ପ୍ରମୁଖ ଯୋଗଦେଇ ବିଜେତା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାକୁ ପୁରୀ ବଡିବିଲ୍‌ଡର୍ସ ଓ ଫିଟନେସ୍ ଆସୋସିଏଶନ ସଭାପତି ନାରାୟଣ ଗୋଛିକାର ଓ ସମ୍ପାଦକ ଅନନ୍ତ ନାରାୟଣ ଖୁଣ୍ଟିଆ ପରିଚାଳନା କରିଥିଲେ। ପ୍ରତ୍ୟେକ ବିଭାଗର ବିଜେତା ଖେଳାଳି ଆଗାମୀ ଫେବୃଆରୀ ୧୫ ଓ ୧୬ରେ ପୁରୀ ବେଳାଭୂମିରେ ହେବାକୁ ଥିବା ପ୍ରାନ୍ତସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଭାରତୀୟତା ଆମ ଅସ୍ତିତ୍ୱର ମୂଳପିଣ୍ଡ: ମୁଖ୍ୟମନ୍ତ୍ରୀ



ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୭।୧(ସୌମ୍ୟରଞ୍ଜନ ରାଉତ)

ଭାରତ ଏବଂ ଭାରତୀୟତା ହେଉଛି ଆମ ଅସ୍ତିତ୍ୱର ମୂଳ ପିଣ୍ଡ। ଆମ ଦେଶ ଓ ଏହାର ସଂସ୍କୃତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏହି ଭବ୍ୟ କାର୍ଯ୍ୟକ୍ରମ ହେଉଛି ଭାରତମାତାଙ୍କ ପଦାରବିନ୍ଦରେ ଆମର ବିନମ୍ର ଉପହାର। ସଙ୍ଗୀତର କୌଣସି ଭାଷା ନାହିଁ। ଗୀତ-ସଙ୍ଗୀତ ମାଧ୍ୟମରେ ଶ୍ରୋତାଙ୍କ ଆଖିରେ ଲୁହ ଆସିପାରେ, ମୁହଁରେ ହସ ଆସି ପାରେ ଏବଂ ମନରେ ବୀରତ୍ୱର ଭାବ ମଧ୍ୟ ଜାଗ୍ରତ କରିପାରେ। ଉଦାସ ସହିତ ସନ୍ତୋଷର ଭାବ ମଧ୍ୟ ଶ୍ରୋତା ଅନୁଭବ କରିପାରେ। ଆମ ଓଡ଼ିଆ ଭାଷା ଓ ସଂଗୀତ ସମୃଦ୍ଧ ଏବଂ ପରିପୁଷ୍ଟ। ଓଡ଼ିଆ ଭାଷା, ସାହିତ୍ୟର ମାଇଲ ଖୁଣ୍ଟ କୁହାଯାଉଥିବା ବୈଦେହିଶ ବିଳାସ, ତପସ୍ୱିନୀ, ଦୀନକୃଷ୍ଣଙ୍କ ଭଜନ, କାଳିଜାଇ ପରି କାଳଜୟୀ କବିତା ବିଭିନ୍ନ କଳାକାରଙ୍କ କଣ୍ଠରେ ସବୁଦିନ ପାଇଁ ଅମର ହୋଇ ରହିଯାଇଛି। ନୂତନ ପିଢ଼ିର କଳାକାରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଆପଣମାନେ ଏପରି ସଙ୍ଗୀତ ପ୍ରସ୍ତୁତ କରନ୍ତୁ ଯାହା ନିଜ ପରିବାର ବର୍ଗଙ୍କ ସହ ସମସ୍ତେ ଉପଭୋଗ କରିପାରିବେ ଓ ଏହା କାଳଜୟୀ ହୋଇରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପଦ୍ମ ପୁରସ୍କାର ପାଇବାକୁ ଯାଉଥିବା ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ବିଶିଷ୍ଟ ଚିକିତ୍ସକ ଡ. ଅଶୋକ ମହାପାତ୍ର ଓ ଶିଳ୍ପୀ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଣ୍ଠଶିଳ୍ପୀ ଶେଖର ଘୋଷ, ଲକ୍ଷ୍ମୀକାନ୍ତ ପାଲିତ, ମନ୍ମଥ ମିଶ୍ର, ମିତାଲି ଚିନାରା, ଆଦ୍ୟାଶା ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଶାରଦା ଶତପଥୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଆଜାଦ୍ ହିନ୍ଦ ଫୌଜ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ) – ରାଜ୍ୟ ଆଜାଦ୍ ହିନ୍ଦ ଫୌଜ ସଂଘ ପକ୍ଷରୁ ୟୁନିଟ୍-୩ ରାଜ୍ୟ କାର୍ଯ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରି ସମ୍ବିଧାନର ସୁରକ୍ଷା ଅକ୍ଷୁଣ୍ଣ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ କିଛି ଗୋଷ୍ଠୀ ସମ୍ବିଧାନରୁ ଧର୍ମନିରପେକ୍ଷ ଓ ସମାଜବାଦକୁ ହଟାଇବା ପାଇଁ ଅହରହ ଉଦ୍ୟମ କରି ବିପଦ ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, କୈଳାସ ପ୍ରଧାନ, ପୀତବାସ ମାନସିଂ, ଭରତ ସାହୁ, ପ୍ରସନ୍ନ କୁମାର ଲେଙ୍କା, ସୁବାସ ଚନ୍ଦ୍ର ରାଉତ, ଭାରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ମିନିଟ୍ରକ୍ ଧକ୍କାରେ ଯୁବକ ମୃତ

ବାଲକାଟୀ,୨୭।୧(ମନୋଜ ମଣ୍ଡଳ) ବାଲକାଟୀ ବଜାରରେ ରବିବାର ରାତି ୧୧ଟା ସମୟରେ ଏକ ମିନିଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ବ୍ଲକ ବଇଁଛୁଆ ଅଧୀନ ଛବିନ ସାହୁ (୪୧)। ସେ ବାଲକାଟୀ ପୁରୁଣା ମକଦମ ସାହିରେ ରହି ଦହିବରା ଆଳୁଦମ ବେପାର କରନ୍ତି। ଛବିନ ରବିବାର ରାତି ପ୍ରାୟ ୧୧ଟାରେ ଏକ ଟ୍ରଲି ନେଇ ନୂଆପାଟଣା ଗ୍ରାମକୁ ଯାଉଥିଲେ। ଏହି ସମୟରେ ବାଲକାଟୀ ବଜାରରେ ଡିଜେ ନେଇ ଯାଉଥିବା ଏକ ମିନିଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲକାଟୀ ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା (କେଶ ନଂ. ୩୧/୧) ରୁଜୁ କରିଛି।

### ବାରଙ୍ଗ:ସବୁଠି ଉଡ଼ିଲା ତ୍ରିରଙ୍ଗା

ବାରଙ୍ଗ/ତ୍ରିଶୂଳିଆ,୨୭।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ସାଧାରଣତନ୍ତ୍ର ଦିବସ ଅବସରରେ ବାରଙ୍ଗ ଅଞ୍ଚଳରେ ସବୁଠି ଉଡ଼ିଛି ତ୍ରିରଙ୍ଗା। ବିଭିନ୍ନ କଳକାରଖାନା, ବେସରକାରୀ ସ୍କୁଲ ଓ କଲେଜ ତଥା ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଗ୍ରାମ ସଙ୍ଗଠନ, ଗ୍ରାମର ଯୁବଗୋଷ୍ଠୀ କ୍ଲବଗୁଡ଼ିକ ନିଜସ୍ୱ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟରେ ଉକ୍ତ ଦିବସ ପାଳନ କରିବା ସହ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବୀରଙ୍କୁ ସ୍ମରଣ କରିଥିଲେ। ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ, ବାରଙ୍ଗ ବ୍ଲକ ପରିସରରେ ବିଡିଓ ଶାଶ୍ୱତ ଦାସ, ବାରଙ୍ଗ ଥାନା ପରିସରରେ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ, ବାରଙ୍ଗ ପ୍ରେସ କ୍ଲବରେ ବରିଷ୍ଠ ଖବରଦାତା ତଥା କ୍ଲବ ସଭାପତି ଲିଙ୍ଗରାଜ ରାଉତ, ବାରଙ୍ଗ ଅଗ୍ନିଶମ ବାହିନୀ କାର୍ଯ୍ୟାଳୟରେ ଅଗ୍ନିଶମ ବାହିନୀ ଅଧିକାରୀ ଭୀମସେନ ଲେଙ୍କା, ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ପରେଡ ପଡ଼ିଆରେ ଦ୍ୱିତୀୟ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର, ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫ୍ ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ର ପରିସରରେ ଡିଆଇଜି ଗଙ୍ଗା ଶଙ୍କର, ପଟିଆ:କାନନ ବିହାର ଫେଜ୍-୨ସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରରେ ପ୍ରଫେସର ମହେଶ୍ୱର ମହାନ୍ତି, ମେଣ୍ଢାଶାଳ ସେବା ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।




୭୬ତମ ଗଣତନ୍ତ୍ର ଦିବସ ନାଲ୍‌କୋ ମୁଖ୍ୟାଳୟ (କର୍ପୋରେଟ କାର୍ଯ୍ୟାଳୟ) ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ସୁଷମା ସଙ୍ଗୀତ ସଦନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ମେରା ଭାରତ ମହାନ'।

## ଅଡିଟ୍ ଆଣ୍ଡ୍ ଆକାଉଣ୍ଟସ ରିକ୍ରିଏଶନ କ୍ଲବ

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ): ଅଡିଟ୍ ଆଣ୍ଡ୍ ଆକାଉଣ୍ଟସ ରିକ୍ରିଏଶନ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ୟୁନିଟ୍-୪ସ୍ଥିତ ପୁରୁଣା ଏଜି କଲୋନୀ ଖେଳ ପଡିଆଠାରେ ପାଳିତ ହୋଇଯାଇଛି। ପ୍ରଧାନ ମହାଲେଖାକାର(ଅଡିଟ -୧) ତଥା କ୍ଲବର ପୃଷ୍ଠପୋଷକ ରାଜକୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଏଜି କ୍ରୀଡ଼ାବିତଙ୍କ ଦ୍ୱାରା ଆୟୋଜିତ ଚିତାକର୍ଷକ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବ ସଭାପତି ସଚିନ କ୍ରିଷ୍ଣା କୌଶିକ, ସାଧାରଣ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବର ଇନ୍‌ଡୋର ସଚିବ ରାଜେଶ କୁମାର ସିଂହ, ଆଉଟ୍‌ଡୋର ସଚିବ ଦେବଭକ୍ତ ବେଦ, ଶିବନାଥ ମହାପାତ୍ର ପରିଚାଳନା କରିଥିଲେ। ସେହିପରି ପୁରୁଣା ଏଜି କଲୋନୀ ସିଟିଜେନ କମିଟି ପକ୍ଷରୁ ପ୍ରଧାନ ମହାଲେଖାକାର(ଲେଖା ଓ ହକଦାରୀ) ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ସେଣ୍ଟ ଜନ ଆମ୍ବୁଲାନ୍ସର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ, ଲେଖା ଅଧିକାରୀ ଦେବାନନ୍ଦ ଦାସ, କମିଟିର ଉପ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ପଣ୍ଡା, ଅଶୋକ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମିଟି ସଭାପତି ରାଜକିଶୋର ମହାପାତ୍ର, ସମ୍ପାଦକ ଦିପ୍ତୀରଞ୍ଜନ ରାୟ ଓ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଗୋଟିଏ ଦିନରେ ବିଜେଡି, ଭାଜପାର ଶକ୍ତି ପ୍ରଦର୍ଶନ

ବାରଙ୍ଗ/ତ୍ରିଶୂଳିଆ,୨୭।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ସାଧାରଣତନ୍ତ୍ର ଦିବସରେ ବାରଙ୍ଗରେ ରାଜ୍ୟର ୨ ପ୍ରମୁଖ ଦଳ ବିଜେଡି ଓ ଭାଜପା ପକ୍ଷରୁ ଶକ୍ତି ପ୍ରଦର୍ଶନ କରାଯାଇଛି। ଉଭୟ ଦଳ ପକ୍ଷରୁ ମରାଯାଇଥିବା ପତାକାରେ ବାରଙ୍ଗର ରାଜରାସ୍ତାକୁ ଛାଉଣୀ କରାଯାଇଥିଲା। ବିଜେଡି ପକ୍ଷରୁ ତ୍ରିଶୂଳିଆ ନିକଟସ୍ଥ ଏକ ଘରୋଇ ମଣ୍ଡପରେ ବନ୍ଧୁମିଳନ ଆୟୋଜନ କରାଯାଇଥିଲା। ଏହା ପାଖରେ ଥିବା ଅନ୍ୟ ଏକ ଘରୋଇ ମଣ୍ଡପରେ ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଓ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ବିଜେଡିର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ବନ୍ଧୁମିଳନରେ ବାରଙ୍ଗ ବ୍ଲକର ୮ ପଞ୍ଚାୟତର କର୍ମୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଜେଡି ନେତ୍ରୀ ଏଲିନା ଦାସ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇଙ୍କ ସମେତ ବହୁ ବିଜେଡି ନେତା ଅତିଥି ଭାବେ ଯୋଗଦେଇଥିଲେ। ବାରଙ୍ଗରେ ବିଜେଡି କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ, ସେନେଇ ନେତାମାନେ ଯୁବକଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସେହିଭଳି ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଦଳ କିପରି ତୃଣମୂଳ ସ୍ତରରୁ ସୁଦୃଢ଼ ହୋଇପାରିବ, ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବ ସେ ଦିଗରେ ଆଲୋକପାତ କରିଥିଲେ। ମିଶ୍ରଣ ପର୍ବରେ ବାରଙ୍ଗ ଅଞ୍ଚଳର ବହୁ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ମୋଟ ୪୦ ଜଣ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ରାଜ୍ୟ ସମ୍ପାଦିକା ସୁକେଶୀ ଓରାମ, କସ୍ତୁରୀ ମିଶ୍ର, କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଜିଲା ପ୍ରତିନିଧି ଦୀପକ ସ୍ୱାଇଁ, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ପାଣି, ମୁଣ୍ଡଳୀ ସରପଞ୍ଚ କଣ୍ଢେଇ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

### ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୭।୧(ଅନୁରାଧା ମହାରଣା)– ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳପଥ ଷ୍ଟାଡିୟମରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଜାତୀୟ ପତାକା ଉତ୍ତୋଳନ କରି ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଲେ, ଗଣତନ୍ତ୍ର ଦିବସ ହେଉଛି ଦେଶର ସେବା, ସମ୍ବିଧାନର ମୂଲ୍ୟବୋଧକୁ ବଞ୍ଚାଇ ରଖିବା ସହ ଦେଶରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଗଣତାନ୍ତ୍ରିକ ନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାର ଏକ ସମୟ। ଚଳିତ ଆର୍ଥିକ ବର୍ଷରେ ରେଳପଥ ଦ୍ୱାରା ପ୍ରମୁଖ ସଫଳତା ସମ୍ବନ୍ଧରେ ସେ ସୂଚନା ଦେଇ ରେଳ କାର୍ଯ୍ୟ, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସେବା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ସହିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସଭାପତି କବିତା ଫୁଙ୍କୱାଲ ଉପସ୍ଥିତ ଥିଲେ। ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସ୍ୱେଚ୍ଛାସେବୀଙ୍କ ସହ ସ୍କୁଲ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଜେଏସ୍‌ଡବ୍ଲ୍ୟୁ



ଭୁବନେଶ୍ୱର,୨୭।୧(ଅନୁରାଧା ମହାରଣା)– ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ମାଇନ୍‌ସ ଡିଭିଜନ ପକ୍ଷରୁ ସାଧାର ତନ୍ତ୍ର ଦିବସ ପାଳନ କରାଯାଇଛି। କେନ୍ଦୁଝର ଜିଲା ଅନ୍ତର୍ଗତ ନୂଆଗାଁ, ନାରାୟଣପୋଶି, ଗଣୁଆ ଏବଂ ଯଯାଙ୍ଗସ୍ଥିତ ଖରି ଅଞ୍ଚଳ ଓ କର୍ପୋରେଟ୍ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପୁନୀତ ଜଗତ୍ରମକା, ଓଡ଼ିଶା ବାଣିଜ୍ୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ପରିଚାଳନା ମୁଖ୍ୟ ରାମଶଙ୍କର ଶର୍ମା, ମାନବସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଇକ ନୃତ୍ୟ ବୀରତ୍ୱର ବାର୍ତ୍ତା ଦେଇଥିଲା।

### ନିସ୍ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୨୭।୧(ଅନୁରାଧା ମହାରଣା)– ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ଚେୟାରମ୍ୟାନ ଡ. ସୁଭାଷଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ପ୍ରମୁଖ ଯୋଗଦେଇଥିଲେ।

## ଓଡିଏମ୍ ପବ୍ଲିକ୍ ସ୍କୁଲରେ 'ସ୍ୱର୍ଣ୍ଣିମ ଭାରତ'




ଭୁବନେଶ୍ୱର,୨୭।୧
(ଅନୁରାଧା ମହାରଣା)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ 'ସ୍ୱର୍ଣ୍ଣିମ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଜର ଜେନେରାଲ ସୌମେନ୍ଦ୍ରଦେବ ମହାନ୍ତି ଯୋଗଦେଇ ଶାନ୍ତି, ପ୍ରୀତି, ମୈତ୍ରୀ ଏବଂ ଅହିଂସା ହାଉସ୍ ଦ୍ୱାରା ଅନୁଷ୍ଠିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ୬୦ ପ୍ଲାଟୁନ ମୁତୟନ

ଭୁବନେଶ୍ୱର,୨୭।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଜନତା ମଇଦାନରେ ମଙ୍ଗଳବାରଠାରୁ ୩ଦିନ ବ୍ୟାପୀ ଉତ୍କର୍ଷ ଓଡ଼ିଶା -ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ଏହାସହ ବହୁ ଭିଭିଆଇପି ମଧ୍ୟ ଆସିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ଲୁବୁକ୍ ଅନୁଯାୟୀ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାସହ ସୁରକ୍ଷା ପାଇଁ ୬୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ଡିସିପି ପିନାକ ମିଶ୍ର କହିଛନ୍ତି। ଡିସିପି, ଏସ୍‌ପି, କମାଣ୍ଡାଣ୍ଟ ର୍‍ୟାଙ୍କର ୮ଜଣ ଅଫିସର ରହିବେ। ସେହିପରି ୧୬ ଜଣ ଅତିରିକ୍ତ ଡିସିପି, ୭୧ଜଣ ଏସିପି, ୭୦ଜଣ ଇନ୍ସପେକ୍ଟର, ୪୦୨ ଏସ୍‌ଆଇ ଓ ଏଏସ୍‌ଆଇ ଭଳି ବିଭିନ୍ନ ର୍‍ୟାଙ୍କର ବହୁ ପୋଲିସ ଅଫିସର ମୁତୟନ ହେବେ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ନିମନ୍ତେ ସିଆର୍‌ପିଏଫ୍ ବ୍ଲାକକ୍ୟାଟ କମାଣ୍ଡୋ,ଏନ୍‌ଏସ୍‌ଜି ଏବଂ ଏସ୍‌ପିଜି କମାଣ୍ଡୋ ମଧ୍ୟ ରହିବେ। ତେବେ ଏହାକୁ ଦୃଷ୍ଟିରେ ରଖାଯାଇ ସୋମବାର କମିଶନରେଟ ପୋଲିସ ପକ୍ଷରୁ କାର୍‌କେଡ୍ ରିହରସାଲ କରାଯାଇଛି। ଦିନ ପ୍ରାୟ ସାଢେ ୧୨ଟା ସମୟରେ ବିମାନବନ୍ଦରରୁ ଜନତା ମଇଦାନ ଓ ଜନତା ମଇଦାନରୁ ବିମାନବନ୍ଦର ପର୍ଯ୍ୟନ୍ତ କାର୍‌କେଡ କରାଯାଇଥିଲା। ଅପରପକ୍ଷେ ଜନସାଧାରଣ ଯେପରି ଏହି ସମୟରେ ହଇରାଣ ନ ହେବେ ସେନେଇ ମଙ୍ଗଳବାର ପାଇଁ କେବଳ ଆଗୁଆ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ସକାଳ ୧୦.୨୫ ରୁ ୧୧.୧୦ ମଧ୍ୟରେ ଏୟାରପୋର୍ଟ ଛକ, ହସ୍ପିଟାଲ ଛକ, ଏଜି ଛକ ବାମ ମୋଡ଼ ଦେଇ ଯାତାୟାତକୁ ବାରଣ କରାଯାଇଛି। ଏହାସହ ରାଜଭବନ ଛକ, ପାୱାର ହାଉସ ଛକ, ୧୨୦ ବାଟାଲିୟନ ଛକ, ବେହେରା ସାହି ଛକ, ଜୟଦେବ ବିହାର ଛକ, ଜାଭିୟର ଛକ, ନାଲ୍‌କୋ ଛକ ମଧ୍ୟ ଏହି ସମୟରେ କଟକଣା ଜାରି କରାଯାଇଛି। ସେହିଭଳି ମଧ୍ୟାହ୍ନ ୧୨.୨୦ ମିନିଟରୁ ଦିନ ୧.୦୫ ମଧ୍ୟରେ ନାଲ୍‌କୋ ଛକ, ଜାଭିୟର ଛକ, ଜୟଦେବ ବିହାର ଛକ, ବେହେରା ସାହି ଛକ, ୧୨୦ ବାଟାଲିୟନ ଛକ, ପାୱାର ହାଉସ୍ ଛକ, ରାଜଭବନ ଛକର ବାମ ମୋଡ଼ ଏବଂ ଏଜି ଛକ -ଡାହାଣ ମୋଡ଼, ହସ୍ପିଟାଲ ଛକ-ଏୟାରପୋର୍ଟ ଛକ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯାତାୟାତ କରିବାକୁ ଜନସାଧାରଣଙ୍କୁ କମିଶନରେଟ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଏହି କଟକଣା ଜରୁରିକାଳୀନ ସେବାରେ ନିୟୋଜିତ ଯାନବାହନ (ଫାୟାର ଓ ଆମ୍ବୁଲାନ୍ସ ) ଚଳାଚଳ ନିମନ୍ତେ ଲାଗୁ ହେବ ନାହିଁ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କାର୍‌କେଡ ରିହରସାଲ

# ଉତ୍କଳ ବିଶ୍ୱବିଦ୍ୟାଳୟ ଲକ୍ଷ୍ୟ ବିଶ୍ୱ ଦୃଷ୍ଟିଭଙ୍ଗି ସହିତ ଜଡ଼ିତ

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)



ଉତ୍କଳ ବିଶ୍ୱବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ କହିଲେ, ଗଣତାନ୍ତ୍ରିକ ଭାରତର ଏକ ବୃହତ ଦାୟିତ୍ୱବୋଧରୁ ଆମ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଏବଂ ଆଭିମୁଖ୍ୟରେ ବହୁତ ପରିବର୍ତ୍ତନ ଆସିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଏବେ ବିଶ୍ୱ ଦୃଷ୍ଟିଭଙ୍ଗି ସହିତ ଜଡ଼ିତ। ଆମ ଭିତରେ ଆମ ଶିକ୍ଷାର ବିକାଶ ଏବଂ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଗବେଷଣାରେ ବୃଦ୍ଧି ହୋଇଛି। ବହୁ ଆନ୍ତର୍ଜାତିକ ଶିକ୍ଷାନୁଷ୍ଠାନ ସହିତ ସମ୍ପର୍କ ଏବଂ ସହଭାଗିତା ବା ଏମ୍‌ଓୟୁ କରିଛୁ। ଉତ୍କଳରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ସହ ପାଠପଢ଼ା ଆରମ୍ଭ ହୋଇସାରିଛି ବୋଲି କୁଳପତି ଆଚାର୍ଯ୍ୟ କହିଛନ୍ତି। ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ ସ୍ୱାଗତ ଅଭିଭାଷଣ ରଖିଥିଲେ। ସିଣ୍ଡିକେଟ ସଦସ୍ୟ ପ୍ରଫେସର ସାମସନ ମହାରଣା, ପ୍ରଫେସର ପ୍ରବୋଧ କୁମାର ହୋତା, ବିତ୍ତ ନିୟନ୍ତ୍ରକ ଗୌତମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଇଥିଲେ।

## ସଂକ୍ଷେପରେ

### ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ବାଘମାରୀ,୨୭।୧(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ପୋଲିସ ଜଣେ ନିଖୋଜ ବୃଦ୍ଧଙ୍କ ମୃତଦେହ ସୋମବାର ଅର୍ଦ୍ଧନିର୍ମିତ ଶୌଚାଳୟରୁ ଜବତ କରିଛି। ସେ ହେଲେ ସିମୋର ଗ୍ରାମର ଶତ୍ରୁଘ୍ନ ବେହେରା (୬୪)। ସୂଚନା ମୁତାବକ, ଗତ ଗୁରୁବାର ଶତ୍ରୁଘ୍ନ ଘରୁ କେଉଁଆଡ଼େ ଯାଇ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ସନ୍ଧାନ ନ ମିଳିବାରୁ ତାଙ୍କ ପୁଅ କିଶୋର ଚନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଥିଲେ। ସୋମବାର ସକାଳେ ପାଟଣାସାହି ବାଡ଼ି ତଳରାସ୍ତାର ଏକ ଅର୍ଦ୍ଧନିର୍ମିତ ଶୌଚାଳୟରେ ଭାସୁଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ଶତ୍ରୁଘ୍ନଙ୍କୁ ଉଦ୍ଧାର କରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ହସ୍ପିଟାଲକୁ ପଠାଇଥିଲା।

### ଝାଁଳା ସେବା ସମବାୟ ସମିତି ସଭାପତିଙ୍କ ପରଲୋକ

ଝାଁଳା,୨୭।୧(ବୁଲା ବାରିକ)

ଝାଁଳା ସେବା ସମବାୟ ସମିତି ସଭାପତି ତଥା ସ୍ଥାନୀୟ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ନିର୍ମଳ ଚନ୍ଦ୍ର ଦାସଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୧୯୭୨ ମସିହାରୁ ସେ ଜାତୀୟ କଂଗ୍ରେସରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ କାମ କରୁଥିଲେ। ଏଥିସହ ୨୦୧୪ମସିହାରୁ ସେବା ସମବାୟ ସମିତିର ସଭାପତିଭାବେ ନିର୍ବାଚିତ ହୋଇଆସୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ସମବାୟ ସମିତିରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ବାଣପୁର,୨୭।୧(ଦିଲୀପ ସ୍ୱାଇଁ)

ହଳନ୍ଦା ସେବା ସମବାୟ ସମିତି ଲି.ର କାର୍ଯ୍ୟାଳୟରୁ ରବିବାର ରାତିରେ ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ଚୋରି କରି ନେଇଛନ୍ତି। ଉକ୍ତ କାର୍ଯ୍ୟାଳୟରୁ ମନିଟର, ସିପିୟୁ, ଲାପଟପ, ସିସିଟିଭି କ୍ୟାମେରା, ପ୍ରିଣ୍ଟର ଏବଂ ଅନ୍ୟାନ୍ୟ ସାମଗ୍ରୀଚୋରି ହୋଇଛି। ଏ ସମ୍ପର୍କରେ ସୋମବାର ସକାଳେ ସେବା ସମବାୟ ସମିତିର ସମ୍ପାଦକ ଜୟନ୍ତ କୁମାର ରଣସିଂହ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ନାରୁଣୀ ଥାନା ଗମ୍ଭାରୀମୁଣ୍ଡା ବଜାରରୁ ରମେଶ ସାହୁଙ୍କ ଲୁହା ଦୋକାନରୁ ଦୁଇଟି ସିସିଟିଭି କ୍ୟାମେରା ଚୋରି ହୋଇଥିବା ଅଭିଯୋଗ ହୋଇଛି। ତେବେ ଏନେଇ ବାଣପୁର ପୋଲିସ ଏବଂ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍‌ହାଉସ ଅଧିକାରୀ କେଶବ ବେହେରା ତଦନ୍ତ ଆରମ୍ଭ କରିଦେଇଥିବା ଆଇଆଇସି ରମେଶ କୁମାର ଦେବତା କହିଛନ୍ତି।

### ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହୁଅନ୍ତୁ

ଟାଙ୍ଗୀ,୨୭।୧(ରଘୁନାଥ ସାହୁ)

ଟାଙ୍ଗୀର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ମିତାଲି ପାତ୍ର, ଗ୍ରାମ୍ୟ ନ୍ୟାୟାଳୟରେ ନ୍ୟାୟାଧୀଶ ସୁବୋଧ କୁମାର ସେଠୀ, ବଳରାମ ଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୀପ ପରିଡା, ଟାଙ୍ଗୀ ସାମ୍ବାଦିକ ସଂଘରେ ଉପଦେଷ୍ଟା ଭାଗୀରଥି ଛୋଟରାୟ, ଥାନାରେ ଆଇଆଇସି ସୁଶାନ୍ତ ବେହେରା, ଟାଙ୍ଗୀ ଷ୍ଟେଟ ବିଗ୍ରେଡ ସ୍କୁଲରେ କ୍ରୀଡା ସଙ୍ଗଠକ ବିଜୟ ରାଉତ, ଦୁର୍ଗା ଚରଣ ଚିଲିକା କଲେଜରେ ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ, ବଡପାରୀ ସିଭିଲ ସୋସାଇଟରେ ରମେଶ ପ୍ରସାଦ ଧଳ, ଅବସରପ୍ରାପ୍ତ କର୍ମଚାରୀ ସଂଘରେ ସଭାପତି ପଦ୍ମନାଭ ବିଶ୍ୱାଳ, ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ବୈକୁଣ୍ଠ ମହାରଣା, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରତାପ ମହାପାତ୍ର, ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟା ମନ୍ଦିରରେ ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହୁଅନ୍ତୁ ବୋଲି ମତପ୍ରକାଶ ପାଇଥିଲା।

# 'ଉତ୍କର୍ଷ ଓଡ଼ିଶା ଗଠନରେ ସହଭାଗିତା ଜରୁରୀ'

## ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)


ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ, ଖୋର୍ଦ୍ଧା ହେଉଛି ବୀରତ୍ୱର ମାଟି। ଏହି ମାଟି କଳା, ସାହିତ୍ୟ, ସଂସ୍କୃତି, ସାରସ୍ୱତ ସାଧକମାନଙ୍କର ସୃଷ୍ଟି କ୍ଷେତ୍ରରେ ଏକ ନବ ଜାଗରଣ ଆଣିଛି। ଖୋର୍ଦ୍ଧା କଥା ପଡ଼ିଲେ, ପାଇକ ବୀରଙ୍କ ବୀରତ୍ୱ, ଐତିହ୍ୟ, ଉତ୍କୃଷ୍ଟ ସମରକଳା ଚମକ ସୃଷ୍ଟି କରିଥାଏ। ପାଇକ ବୀରଙ୍କ ଲାଗି ଏହି ମାଟି ଗୌରବାନ୍ୱିତ ହୋଇଛି। ଖୋର୍ଦ୍ଧା ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ପାଇବ। ମା' ବରୁଣେଇ ଏବଂ ଉଗ୍ରତାରା ପୀଠର ଉନ୍ନତୀକରଣ, ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଜିଲାର ଅନ୍ୟ ପର୍ଯ୍ୟଟନକ୍ଷେତ୍ରର ମଧ୍ୟ ବିକାଶ କରାଯିବ।

ସେ ଆହୁରି କହିଥିଲେ, ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ୨୦୩୬ ମସିହା ସୁଦ୍ଧା ଉତ୍କର୍ଷ ଓଡ଼ିଶା ଗଠନ ଲକ୍ଷ୍ୟରେ ସରକାର କାର୍ଯ୍ୟରତ। ଚଳିତମାସ ୨୮ ଓ ୨୯ ତାରିଖ ଦୁଇଦିନ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ରହିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧିମାନେ ଯୋଗଦେବେ। ଆଶା ରହିଛି ୫ ଲକ୍ଷ କୋଟି ପୁଞ୍ଜିନିବେଶ ହେବ, ଯଦ୍ୱାରା ୩.୫୦ଲକ୍ଷ ନିଯୁକ୍ତି ସମ୍ଭାବନା କରାଯାଇଛି। ଓଡ଼ିଶା ସରକାର ହେଉଛି ଜନତାଙ୍କ ସରକାର। ମୁଖ୍ୟମନ୍ତ୍ରୀ ଗ୍ରାମୀଣ ବିକାଶ, କୃଷିର ଉନ୍ନତି, ଅର୍ଥନୀତିର ଅଭିବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମହିଳାଙ୍କ ଉନ୍ନତି, ଆର୍ଥିକ ସ୍ୱାବଲମ୍ବନ ଦିଗରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କରାଯାଇଛି। ଏଥିରେ ରାଜ୍ୟର ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲାରୁ ୩ଲକ୍ଷ ୫୪ହଜାର ୫୮୬ଜଣ ସାମିଲ ଅଛନ୍ତି। ୨୦୨୭ ସୁଦ୍ଧା ରାଜ୍ୟରେ ୨୫ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦି ସୃଷ୍ଟି ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ମହିଳା ସଶକ୍ତୀକରଣ ପଦକ୍ଷେପ। ଏଥିରେ ଖୋର୍ଦ୍ଧା ଜିଲାରୁ ୧ଲକ୍ଷ ମହିଳା ସାମିଲ ହେବେ। ଓଡ଼ିଶାରେ ସରକାର ଗଠନ ପରେ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ କାର୍ଯ୍ୟକାରୀ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ପୂରଣ ହେବ।

ଏହିସମାରୋହରେ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍କାଉଟ୍‌ସେନା, ପୋଲିସ ବିଭାଗରୁ ମୋଟ୍ ୪୯କଣ୍ଟିଜେଣ୍ଟ ଯୋଗଦେଇ ପରେଡ୍ ପ୍ରଦର୍ଶନ କରିଥିଲେ। ସେଥିରୁ ୧୪ଟି ଦଳକୁ ପୁରସ୍କୃତ କରାଯାଇଛି। ଜିଲାର ବିଭିନ୍ନ ବିଭାଗରୁ ୬ଟି ପ୍ରଜ୍ଞାପନ ମେଢ଼ ଯୋଗଦେଇଥିବା ବେଳେ ଆଞ୍ଚଳିକ ପରିବହନ ବିଭାଗ ମେଢ଼କୁ ଶ୍ରେଷ୍ଠ ପୁରସ୍କାର ଦିଆଯାଇଛି। ସେହିପରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ୫୧ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ ବେଟି ବଚାଓ, ବେଟି ପଢ଼ାଅ ଯୋଜନାରେ ଦଶମ ଟପ୍ପର ୬, ଏବଂ ଯୁକ୍ତ ୨ସ୍ତରରେ ୫ଟପ୍ପରଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ମୁଖ୍ୟ ଅତିଥି ଜିଲା କାରାଗାର ଅନ୍ତେବାସୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ

ନିରାକାରପୁର,୨୭।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ସରକାରୀ ହାଇସ୍କୁଲର ୭୭ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଛୋଟରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଆଲୁମ୍ନି ଆସୋସିଏଶନର ସଭାପତି ରବୀନ୍ଦ୍ର କୁମାର ରାଉତରାୟ, ସ୍କୁଲ ପରିଚାଳନା କମିଟି ସଭାପତି ରବି ନାରାୟଣ ବାହିନୀପତି, ସହକାରୀ ଶିକ୍ଷକ ଦିଲୀପ କୁମାର ଦାସ, ଶିକ୍ଷୟିତ୍ରୀ ନିତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ପାଠପଢ଼ି ଭଲ ମଣିଷ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବିଜୟ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏକତା ଭାରତୀୟଙ୍କ ପରିଚୟ

ଖୋର୍ଦ୍ଧା,୨୭।୧ (ପ୍ରଭାତ ପାଣିଗ୍ରାହୀ)


ଜାତୀୟ ପତାକା ଉତ୍ତୋଳନ ଅବସରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

ବରୁଣେଇ ପାଇକ ସ୍ମାରକୀ ଶିଳାନ୍ୟାସ ସ୍ଥଳରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସଭାପତି ଭୀମସେନ ପ୍ରଧାନଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯାଇଛି। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବୈଦ୍ୟନାଥ ବରାଳ, ବିଦ୍ୟାଧର ଲେଙ୍କା, ବଂଶୀଧର ଦାସଙ୍କ ସମେତ କଲେଜ ଛାତ୍ର ଉପସ୍ଥିତ ଥିଲେ। ଶ୍ରୀରାମନଗରସ୍ଥିତ ଖୋର୍ଦ୍ଧା ସାହିତ୍ୟ ସଂସଦ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ଗୋପାଳକୃଷ୍ଣ ଦାସ ପତାକା ଉତୋଳନ କରିଥିଲେ। ବୈକୁଣ୍ଠନାଥ ରାଜଗୁରୁ, ବିଧାନ ମହାନ୍ତି, ସୌଦାମିନୀ ପଟ୍ଟନାୟକ, ପ୍ରଫୁଲ୍ଲ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ମହାରଣା, ବଂଶୀଧର ଦାସ, ଇତିଶ୍ରୀ ସାହୁ ଉପସ୍ଥିତ ଥିଲେ। ଟିଏଲ୍‌ସି ସ୍ଥିତ ପଞ୍ଚପାଇକ ବଜାରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ, ଭେଣ୍ଡି ଜୋନ କମିଟି ସଦସ୍ୟଙ୍କ ସମେତ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ନୂଆ ବସଷ୍ଟାଣ୍ଡଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। କଂଗ୍ରେସ ନେତା ଶିଳାଦିତ୍ୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ଗୁରୁଚରଣ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ଜାନକୀବଲ୍ଲଭ ଉଦ୍ୟାନରେ ଆଇନଜୀବୀ ଶିଶିର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାମାଜିକ କର୍ମୀ ଗୁରୁଚରଣ ପଟ୍ଟନାୟକ ପତାକ ଉତ୍ତୋଳନ କରି ଏକତା, ଜାତୀୟ ସଂହତିର ବାର୍ତ୍ତା ଦେଇଥିଲେ। ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ନିରଞ୍ଜନ ସାହୁ ପତାକା ଉତ୍ତୋଳନା କରିଥିଲେ।

ଟିଏଲସି ସ୍ଥିତ ସାମ୍ବାଦିକ ଭବନ ପରିସରରେ ଜିଲା ପ୍ରେସ କ୍ଲବ ଓ କର୍ମଜୀବୀ ସମ୍ମିଳିତ ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏସ୍‌ପି ସାଗରିକା ନାଥ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ସେହିପରି 'ଧରିତ୍ରୀ' ଜିଲା କାର୍ଯ୍ୟାଳୟଠାରେ ମା'ବରୁଣେଇ ବିରତକ ସଂଘ ପକ୍ଷରୁ ବରିଷ୍ଠ ବିତରକ ଶ୍ୟାମସୁନ୍ଦର ବେହେରା ପତାକା ଉତ୍ତୋଳନ କରିଥିଲେ। ହେମନ୍ତ ବେହେରା, ଜିତେନ୍ଦ୍ର ବେହେରା, ବିକାଶ ମେଂଟା, ତ୍ରିଲୋଚନା ସାହୁ, ସୁମନ୍ତ ସାହୁ, ନିଧି ମୁଦୁଲି, ନୀଳମଣି ମୁଦୁଲି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଖୋର୍ଦ୍ଧାର ବାଗ୍‌ଦେବୀ ଆଞ୍ଚଳିକ ମହିଳା ସଂଘ ଆନୁକୂଲ୍ୟରେ ୱାର୍ଡ ୫ ସ୍ଥିତ ମିଶନ ଶକ୍ତି ସଭାଗୃହରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଶାସିକା ସୌଦାମିନୀ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ।

## ରେକି ସଚେତନତା ଶିବିର

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ମୈତ୍ରୀ ଭବନଠାରେ ରେକି କର୍ମଶାଳା ଏବଂ ସାମୂହିକ ଔପଚାରିକ ଚିକିତ୍ସାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଯୋଗ ପଦ୍ଧତି ମଣିଷ ଜୀବନରେ ବଞ୍ଚିବା ଶୈଳୀକୁ ବଦଳାଇବା ସହିତ ମାନସିକ, ଶାରୀରିକ, ଆର୍ଥିକ ଏବଂ ଆଧ୍ୟାତ୍ମିକସ୍ତରକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହା ଏକ ପାରମ୍ପରିକ ଶୁଦ୍ଧ ସୁରକ୍ଷିତ ଓ ବିକଶିତ ପଦ୍ଧତି, ଯାହାର ପ୍ରୟୋଗ ଦ୍ୱାରା ମଣିଷ ନିଜର ଅବଚେତନ ମସ୍ତିଷ୍କର ବିକାଶ ସହିତ ଈଶ୍ୱରପ୍ରାପ୍ତିର ମାର୍ଗକୁ ସରଳ କରିଥାଏ ବୋଲି ଇଣ୍ଟରନ୍ୟାଶନାଲ ରେକି ଗ୍ରାଣ୍ଡମାଷ୍ଟର ଡ. ରାଜୀବଲୋଚନ ପଣ୍ଡା କହିଥିଲେ। ସୁନନ୍ଦା ପତଙ୍ଗ, ନିବେଦିତା ମହାପାତ୍ର, ସ୍ୱର୍ଣ୍ଣଲତା ମହାନ୍ତି, ଧରଣୀଧର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସବୁଠି ଉଡ଼ିଲା ତ୍ରିରଙ୍ଗା

କୃଷ୍ଣପ୍ରସାଦ,୨୭।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବୁଦ୍ଧିବର ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର ଜେନା, ସହକାରୀ ଶିକ୍ଷକ ବୁଦ୍ଧଦେବ ତରେଇ, ଶୁଶାନ୍ତ ପ୍ରଧାନ, ପ୍ରିୟଦର୍ଶନୀ ଜେନା, ସ୍କୁଲ ସଭାପତି ରମେଶ ଚନ୍ଦ୍ର ତରେଇ ସହଯୋଗ କରିଥିଲେ। ବୁଦ୍ଧିବର ଡିଆକୁଦା ଉଚ୍ଚ ବିଦ୍ୟାଳୟରେ ସ୍କୁଲ ସଭାପତି ଅଭିମନ୍ୟୁ ତରେଇ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଧାନ ଶିକ୍ଷକ ବିଦ୍ୟାଧର ସ୍ୱାଇଁ, ପଞ୍ଚାନନ ଜେନା, ଦୈତାରି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବୁଦ୍ଧିବର ପଞ୍ଚାୟତ ପରିସରରେ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ସିଆଣ୍ଡି ପଞ୍ଚାୟତ ପରିସରରେ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ପତାକା ଉତ୍ତୋଳନ କରିଥିବା ବେଳେ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଓସ୍ତପୁର ଲୋକ ଉତ୍ସବ ଉଦ୍‌ଯାପିତ


ଓସ୍ତପୁର ଲୋକ ଉତ୍ସବରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟମାନେ।

ବାଘମାରୀ,୨୭।୧(ମିହିର ରଞ୍ଜନ ମହାପାତ୍ର)

ପୋଡ଼ାଡ଼ିହ ପଞ୍ଚାୟତ ଓସ୍ତପୁରର ମା'ବାଘେଇ ପୀଠରେ ଦୁଇଦିନ ଧରି ଚାଲିଥିବା ଓସ୍ତପୁର ଲୋକଉତ୍ସବ-୨୦୨୫ ଉଦ୍‌ଯାପିତ ହୋଯାଇଛି। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲ। ସମ୍ମାନିତ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ଜିଲାପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସାମାଜିକକର୍ମୀ ମନୋଜ ପ୍ରଧାନ, ସରପଞ୍ଚ ଲତା ସେଠୀ, ସମିତିସଭ୍ୟ ଅଲେଖ ବେହେରା, ବିଦ୍ୟାଧର ମାଣିକ ପ୍ରମୁଖ ଯୋଗଦେଇଥିଲେ। ଲୋକ ଉତ୍ସବର ସମ୍ପାଦକ ସ୍ମୃତି ରଞ୍ଜନ ପଣ୍ଡା ସମ୍ପାଦକୀୟ ପାଠ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନର ସଭାପତି ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ। ସମ୍ବଲପୁରୀ, ଓଡ଼ିଶୀ, ଛଉ ନୃତ୍ୟ, ମଡର୍ନ ଡ୍ୟାନ୍ସ ଆଦି ପରିବେଷଣ ହୋଇଥିବା ହୋଇଥିଲା।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ


ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

ଜଟଣୀ,୨୭।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଥାନାଛକଠାରେ ସାମାଜିକ ଏବଂ ସଂସ୍କୃତି ଅନୁଷ୍ଠାନ ଜଟଣୀ ୟୁଥ୍ ଫେଡେରେଶନ, ଜଟଣୀ ଥାନା, ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଜଟଣୀ ମହାବିଦ୍ୟାଳୟ, ଜଟଣୀ ପ୍ରେସ୍ କ୍ଲବ, ସୀତାରାମ ଛକ ଅଟୋ ରିକ୍ସା ସଂଘ, ଖୋର୍ଦ୍ଧାରୋଡ ରେଳମଣ୍ଡଳ, ଜଟଣୀ, ଜଟଣୀ ଲୟର୍ସ ଆସୋସିଏଶନ, ଅବସରପ୍ରାପ୍ତ କେନ୍ଦ୍ରୀୟ କର୍ମଚାରୀ ପେନସନର୍ସ ଆସୋସିଏଶନ, ଜଟଣୀ ବାର ଆସୋସିଏଶନ, ଜଟଣୀ କୋର୍ଟ ସହିତ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ସେହିପରି ଜଟଣୀ ପୌରପାଳିକାର ୮ନଂ. ୱାର୍ଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜଟଣୀ ମୁଖ୍ୟ ଷ୍ଟେଟ ବ୍ୟାଙ୍କ ଶାଖାର ମହାପ୍ରବନ୍ଧକ ମନୋଜ କୁମାର ସୁନାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

# ଫୁଟ୍‌ବଲ: ପୋଡ଼ାପଡ଼ା ଚାମ୍ପିୟନ

ବେଗୁନିଆ,୨୭।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ଚାଲିଥିବା ମା' ତାରିଣୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପୋଡ଼ାପଡ଼ା କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ପୋଡ଼ାପଡ଼ା ଏବଂ ନିଧିପୁର କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହା ଉପରେ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୩-୧ ଗୋଲରେ ପୋଡ଼ାପଡ଼ା ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରକାଶ ନାହାକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମୁନା ପରିଡ଼ା ଏବଂ ରଞ୍ଜନ ପରିଡ଼ା ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ, ସାମାଜିକ କର୍ମୀ ପୁରୁଷୋତ୍ତମ ବାରିକ, ଶିଶିର ରଞ୍ଜନ ଛୁଆଳସିଂହ, ଶିଶିର କୁମାର ଆଚାର୍ଯ୍ୟ, ପ୍ରଧାନଶିକ୍ଷକ ପବିଧର ପରିଡ଼ା, ଶିକ୍ଷକ ଚିନ୍ତାମଣି ପରିଡ଼ା, ତ୍ରିନାଥ ପରିଡ଼ା, ଶିକ୍ଷକ ନିରଞ୍ଜନ ଛାଟୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବର ଉଦ୍ଧବ ନାହାକ, ପ୍ରତାପ ପରିଡ଼ାଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ବିଧାନକୁ ସମ୍ମାନ ଦେବା ସମସ୍ତଙ୍କ କର୍ତ୍ତବ୍ୟ

ବେଗୁନିଆ,୨୭।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆୟୋଜିତ ସଭାରେ ଭଗବାନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବେଗୁନିଆ ଥାନାରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ବାଘମାରୀ ଥାନାରେ ଶମ୍ଭୁନାଥ ନାୟକ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ତାପସ ବିଶି, ଅବକାରୀ ଥାନାରେ ଉପ ନୀରିକ୍ଷକ ରାଜେନ୍ଦ୍ର ଖେସ, ସହକାରୀ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟରେ ଚିନ୍ମୟୀ ସାହୁ, ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, କୃଷି ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ଗଣେଶ୍ୱର ରଥ ଓ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ଇଂ. ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

**କଳାପଥର, (ଗଙ୍ଗାଧର ସାହୁ):** କଳାପଥର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଇନଜୀବୀ ନିରଞ୍ଜନ ପଣ୍ଡା, ଧଳାପଥର ପାଣ୍ଡିର ଆରକ୍ଷୀ ଅଧିକାରୀ ଶୁଶାନ୍ତ କୁମାର ମଲ୍ଲିକ, ଶିକ୍ଷାବିତ୍ ବସନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



ପ୍ରଧାନ ଆଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ରାଉତ ଏବଂ ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ବୋଲଗଡ଼, (ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ମଲିକ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଶିକ୍ଷୟିତ୍ରୀ ଯାଜ୍ଞସେନି ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ତହସିଲ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଏବଂ ବଣିକ ମହାସଂଘଠାରେ ତହସିଲଦାର ବିଜୟ କୁମାର ସେଠୀ, ଥାନା ପରିସରରେ ଆଇଆଇସି ସ୍ନିଗ୍ଧାମୟୀ ବରାଳ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ପରମାନନ୍ଦ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଞ୍ଜନ ଦାସ, ବନବିଭାଗ କାର୍ଯ୍ୟାଳୟରେ ବନପାଳ ପ୍ରଦୀପ ପଟ୍ଟନାୟକ, ଅଗ୍ନିଶମସେବା କାର୍ଯ୍ୟାଳୟରେ ମୁଖ୍ୟ ଆଗ୍ନିକ ଜୟରାମ ବେହେରା ପତାକା ଉତ୍ତୋଳନ କରିଥିଲେ। ଗାନ୍ଧିପୀଠ ଖଦିକେନ୍ଦ୍ର, ଅବସର କର୍ମଚାରୀ ସଂଘଠାରେ ପତାକା ଉତ୍ତୋଳନ କରାଯାଇଥିଲା।

**ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନିରାକାରପୁର କଲେଜରେ ଅଧ୍ୟକ୍ଷା ବ୍ରତତୀ ମିଶ୍ର, ଭୂଷଣ୍ଡପୁର ଫାଣ୍ଡିରେ ଫାଣ୍ଡି ଅଧିକାରୀ ବିନୋଦ ପରିଡା, ନିରାକାରପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଛୋଟରାୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଶ୍ୱାର୍ଡ କାର୍ଯ୍ୟାଳୟରେ ଉପଦେଷ୍ଟା ବାଇଧର ପ୍ରଧାନ, ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ, ଡିଆ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ରେଙ୍ଗଟା ସ୍କୁଲରେ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଓ ସାମାଜିକ କର୍ମୀ ଭାସ୍କର ସ୍ୱାଇଁ, ଭୂଷଣ୍ଡପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୁଃଶାସନ ସେଠୀ, ନିରାକାରପୁର ବଣିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟଠାରେ କେଶବ ଚନ୍ଦ୍ର ରାଉତରାୟ ପତାକା ଉତ୍ତୋଳନ କରିଥିଲେ।

# ଓଡ଼ିଶା ପୂର୍ବଭାରତର ଉଦୀୟମାନ ତାରକା: ମୁଖ୍ୟମନ୍ତ୍ରୀ




■ ଲୋକଙ୍କ ଆର୍ଥିକ ବିକାଶ ପାଇଁ ନିବେଶ କରିବାକୁ ଶିଳ୍ପପତିଙ୍କୁ ଆହ୍ୱାନ

■ ସିଆଇଆଇ ଜାତୀୟ ଅଂଶୀଦାର

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

ଓଡ଼ିଶା ପୂର୍ବ ଭାରତର ଉଦୀୟମାନ ତାରକା। ଶିଳ୍ପ ବିପ୍ଳବ କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଶିଳ୍ପ ବିବିଧତା କ୍ଷେତ୍ରରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଉଭା ହୋଇଛି। ଉତ୍କର୍ଷ ଓଡ଼ିଶା ମେକ୍ ଇନ କନ୍‌କ୍ଲେଭ-୨୦୨୫ର ଶୁଭାରମ୍ଭ ପୂର୍ବରୁ ସୋମବାର ସନ୍ଧ୍ୟାରେ କନ୍‌ଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜର (ସିଆଇଆଇ) ସ୍ପେଶାଲ ପ୍ଲିନାରୀ ସେଶନକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ସିଆଇଆଇର ଜାତୀୟ ଶିଳ୍ପ ଅଂଶୀଦାର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ରାଜ୍ୟ ସରକାର ଓଡ଼ିଶାରେ ବ୍ୟବସାୟିକ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଓଡ଼ିଶା ଲୋକଙ୍କ ଆର୍ଥିକ ବିକାଶ ପାଇଁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସରକାରଙ୍କ ଏକମାତ୍ର ଲକ୍ଷ୍ୟ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବା ସରକାରଙ୍କ ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଶିଳ୍ପ ହବରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ବଜେଟରେ ଶିଳ୍ପ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପ ପ୍ରକଳ୍ପକୁ ତୁରନ୍ତ ଅନୁମୋଦନ ଦେବା ପାଇଁ ରାଜ୍ୟ ସରକାର ଫାଷ୍ଟଟ୍ରାକ୍ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଶିଳ୍ପ ମହାନାୟକମାନଙ୍କୁ ରାଜ୍ୟରେ ପୁଞ୍ଜିନିବେଶ କରିବା ପଥକୁ ପ୍ରଶସ୍ତ କରିବ। ଆମେ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ସରକାରରେ ବିଶ୍ୱାସ କରୁ। ପ୍ରତ୍ୟେକ ନିବେଶକଙ୍କୁ ଆମେ ମୂଲ୍ୟଯୁକ୍ତ ଅଂଶୀଦାର ଭାବେ ଗ୍ରହଣ କରୁଛୁ। ଶିଳ୍ପାୟନ ସମ୍ପର୍କିତ ଯେକୌଣସି ବିଷୟକୁ ଆଲୋଚନା କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ଶିଳ୍ପାୟନ କେବଳ ପ୍ଲାଣ୍ଟରେ ପୁଞ୍ଜିନିବେଶ କରିବା କିମ୍ବା ଭିତ୍ତିଭୂମି ନିର୍ମାଣ କରିବାରେ ସୀମିତ ନୁହେଁ, ଓଡ଼ିଶା ଲୋକଙ୍କ ପାଇଁ ନିବେଶ କରିବା ମୂଳ ଲକ୍ଷ୍ୟ ହେବା ଆବଶ୍ୟକ। ଓଡ଼ିଶା ଲୋକଙ୍କ ପାଇଁ ଉନ୍ନତମାନର ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ନିବେଶକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

# ସଙ୍ଗମରେ ବୁଡ଼ ପକାଇଲେ ଅମିତ ଶାହା



**ପ୍ରୟାଗରାଜ୍,୨୭।୧**

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସପରିବାର ଯୋଗଦେଇଛନ୍ତି। ବିଭିନ୍ନ ମଠ, ମନ୍ଦିର ଓ ଆଖଡ଼ାର ସନ୍ଥଙ୍କ ସହ ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ସେ ପବିତ୍ର ତ୍ରିବେଣୀ ସଙ୍ଗମଠାରେ ବୁଡ଼ ପକାଇଥିଲେ। ଏହି ସମୟରେ ଶାହାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ। ଏହାପରେ ଉପସ୍ଥିତ ସନ୍ଥ ସମାଜ ମା' ଗଙ୍ଗାଙ୍କର ପବିତ୍ର ଜଳକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ତାଙ୍କ ପରିବାର ଉପରକୁ ଛିଞ୍ଚି ସେମାନଙ୍କୁ ଆଶୀର୍ବାଦ ଦେଇଥିଲେ। ସ୍ନାନ କରିବା ପରେ ସୂର୍ଯ୍ୟପୂଜା କରିଥିଲେ। ଏହାପରେ ସେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ଆରତିରେ ଭାଗନେଇଥିଲେ। ଆରତି ସମୟରେ ଶାହାଙ୍କ ସହ ସ୍ତ୍ରୀ ସୋନଲ ଶାହା, ପୁଅ ଜୟ ଶାହା, ବୋହୂ ଏବଂ ନାତୁଣୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶାହାଙ୍କୁ ଏକ କୁମ୍ଭ କଳସ ଭେଟି ଭାବେ ପ୍ରଦାନ କରିଥିଲେ। ସେହିପରି ସାଧୁସନ୍ଥମାନେ ଶାହାଙ୍କୁ ମାଳା ପିନ୍ଧାଇବା ସହ ଚନ୍ଦନର ଟିକା ଲଗାଇଥିଲେ। ଏହି ଅବସରରେ ଜୁନା ଆଖଡ଼ାର ପୀଠାଧିଶ୍ୱର ଅୱଧେଶାନନ୍ଦ, ନୀରଞ୍ଜନୀ ପୀଠାଧିଶ୍ୱର କୈଳାସାନନ୍ଦ, ଆଖଡ଼ା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର ପୁରୀ, ବାବା ରାମଦେବଙ୍କ ସମେତ ବହୁ ସାଧୁସନ୍ଥ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ।

# ୬୫ ଜଣଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ପଦକ ପ୍ରଦାନ

**ଭୁବନେଶ୍ୱର, ୨୭।୧**
**(ସୁଚିସ୍ମିତା ସାହୁ)**

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା ଭବନଠାରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟଅତିଥି ଭାବେ ଯୋଗଦେଇ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ ରାଜ୍ୟ ଆରକ୍ଷୀ ବାହିନୀ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ଏବଂ ଓଡ଼ିଶା କାରାକାର ସଂସ୍ଥା ଓ ସଂସ୍କାର ସେବାର ୬୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରିଛନ୍ତି। ବିଶିଷ୍ଟ ସେବା ପାଇଁ ଭୁବନେଶ୍ୱର-କଟକ ପୋଲିସ କମିଶନର ସୁରେଶ ଦେବ ଦତ୍ତ ସିଂ ଏବଂ ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥଙ୍କୁ ୨୦୨୪ ଲାଗି ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ସେବା ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ, ଡିଏସ୍‌ପି ସନତ କୁମାର ନାଥଶର୍ମା, ଡିଏସ୍‌ପି କବିତା ସାହୁ ଏବଂ ଡିଏସପି ହରିବନ୍ଧୁ ଭତ୍ରାଙ୍କ ସମେତ ୧୪ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିଛି। ସେହିପରି୨୦୨୪ ନିମିତ୍ତ ୧୮ ଜଣଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି। ସେହିପରି ୨୦୨୧ ନିମନ୍ତେ ୨୩ଜଣଙ୍କୁ ରାଜ୍ୟପାଳ ପଦକ ଦିଆଯାଇଥିବା ବେଳେ ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଆଦି ବିଭିନ୍ନ ବିଭାଗରେ ୮ଜଣଙ୍କୁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ଡିଜି ୱାଇ. ବି. ଖୁରାନିଆ, ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ଜେଲ ଡିଜି ଅରୁଣ କୁମାର ରାୟ ଉପସ୍ଥିତ ଥିଲେ।




ପଦକ ପାଇଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅନ୍ୟମାନେ।

# ଧାନ ବିକିଲେଣି ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

■ ଏମ୍‌ଏସ୍‌ପି ବାବଦକୁ ପ୍ରାୟ ୯୦୬୯ କୋଟି

■ ଇନ୍‌ପୁଟ ସହାୟତା ଭାବେ ୩୧୫୪ କୋଟି ପ୍ରଦାନ

ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ୩୦ ଜିଲାରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକି ସାରିଲେଣି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୫୦ ପ୍ରତିଶତରୁ ଅଧିକ ଚାଷୀ ସେମାନଙ୍କ ଧାନ ବିକ୍ରି କରି ସାରିଛନ୍ତି।

ଧାନ କ୍ରୟ ପାଇଁ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବାବଦରେ ୯୦୬୯ କୋଟି ଟଙ୍କା ଏବଂ ଇନପୁଟ ସହାୟତା ବାବଦରେ ୩୧୫୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଧାନକିଣା ଲକ୍ଷ୍ୟ ହାସଲ ନେଇ ସରକାର ନେଇଥିବା ପଦକ୍ଷେପ ସୁରୁଖୁରୁରେ ଚାଲୁ ରହିଛି। ପଞ୍ଜୀକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବା ନେଇ କରାଯାଇଥିବା ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ କରି ଉତ୍ସାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଶାଇ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ମଧ୍ୟ ଚାଷୀମାନଙ୍କ ମନରେ ଖୁସି ଭରି ଦେଇଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୦ ପ୍ରତିଶତ ହାସଲ କରାଯାଇଥିବା ବେଳେ ଅଳ୍ପ କିଛିଦିନ ମଧ୍ୟରେ ଏହି ଜିଲାଗୁଡ଼ିକରେ ଧାନକିଣା ପ୍ରକ୍ରିୟା ଶେଷ ହେବ। ସେହିପରି ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ଧାନକିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି।




